# ସ୍ମାର୍ଟ ସ୍ୱାସ୍ଥ୍ୟ ସେବାରେ ସାମିଲ୍ ହେଲା କେନ୍ଦୁଝର :
# ଜିଲ୍ଲାରେ ସ୍ମାର୍ଟ୍ ହେଲ୍‌ଥ୍ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




କେନ୍ଦୁଝର, ତା ୧୮.୧୧.          ସ୍ମାର୍ଟ ସ୍ୱାସ୍ଥ୍ୟ ସେବାରେ ସାମିଲ୍ ହୋଇଛି କେନ୍ଦୁଝର ଜିଲ୍ଲା । ଚଳିତ ନଭେମ୍ବର ୧୮ ତାରିଖ ଗୁରୁବାର ଦିନ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲାରେ "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା"ରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାରେ୨୦୩୭ କୋଟି ଟଙ୍କାର ୪୧୨ ଟି ପ୍ରକଳ୍ପର ଉଦ୍‌ଘାଟନ / ଶିଳାନ୍ୟାସ /ଘୋଷଣା କରିଛନ୍ତି । ଏହି ଉପଲକ୍ଷେ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ବିକାଶରେ କେନ୍ଦୁଝର ଜିଲ୍ଲାର ଅବଦାନ ବହୁତ ବେଶୀ । କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଜିଲ୍ଲା ଭାବେ ଗଢିବା ପାଇଁ ଆମର ଲକ୍ଷ୍ୟ । ବହୁତ ଖୁସିର କଥା-ଶିଶୁ ଦିବସ ଦିନ ୫-ଟି ଯୋଜନାରେ କେନ୍ଦୁଝର ଜିଲ୍ଲାର ୧୦୦ଟି ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ ହୋଇଛି । ଗୋଟିଏ ଦିନରେ ୧୦୦ଟି ବିଦ୍ୟାଳୟର ଲୋକାର୍ପଣ ସାରା ରାଜ୍ୟରେ ରେକର୍ଡ । ଏଥିପାଇଁ ମୁଖ୍ୟମନ୍ତ୍ରୀ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭଲ ପିଇବା ପାଣି ଉପରେ ଆମେ ସବୁବେଳେ ଗୁରୁତ୍ୱ ଦେଉଛୁ । କେନ୍ଦୁଝର ଜିଲ୍ଲାର ସବୁ ଗାଁ, ସବୁ ସହର ଓ ସବୁ ପରିବାରକୁ ୨୦୨୨ ମସିହା ଡିସେମ୍ବର ମାସ ସୁଦ୍ଧା ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ପୁଷ୍ଟି ନିରାପତା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ବହୁତ ଭଲ କାମ କରୁଥିବା ଜାଣି ସେ ବହୁତ ଖୁସି ବୋଲି କହିଥିଲେ । ଜନଜାତି ଭାଇଭଉଣୀମାନଙ୍କର ରୋଜଗାର ବୃଦ୍ଧି ଉପରେ ଆମର ସ୍ୱତନ୍ତ୍ର ଧ୍ୟାନ ରହିଛି । ଏଥିପାଇଁ କେନ୍ଦୁଝର ଜିଲ୍ଲାରେ ୩୬ କୋଟି ଟଙ୍କାର ମେଗା କୁକୁଡା ଚାଷ ପ୍ରକଳ୍ପ ଆରମ୍ଭ କରାଯିବ । ଏହାଦ୍ୱାରା ୩୦ ହଜାର ଭାଇଭଉଣୀ ଉପକାର ପାଇବେ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ଆଜି ଖୁସି ଯେ କେନ୍ଦୁଝର ଜିଲ୍ଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା – ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ ସାମିଲ୍ ହୋଇଛି । ଏହା ଦ୍ୱାରା ୪ ଲକ୍ଷ ୨୦ ହଜାର ପରିବାର ଉପକାର ପାଇବେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରିଛୁ । ଗତ ସେପ୍ଟେମ୍ବର ମାସରୁ ଏହା ଲାଗୁ ହୋଇଛି । ରାଜ୍ୟର ୯୬ ଲକ୍ଷ ପରିବାରକୁ ଏହି ସ୍ମାର୍ଟ କାର୍ଡ ଦିଆଯିବ । ଏହାଦ୍ୱାରା ରାଜ୍ୟର ସାଢେ ୩ କୋଟି ଲୋକ ଉପକାର ପାଇବେ । ଏହି ନୂଆ ବ୍ୟବସ୍ଥାରେ ଆପଣମାନଙ୍କୁ ଡାକ୍ତରଖାନାରେ କିଛି ଡକ୍ୟୁମେଂଟ୍ ଦରକାର ନାହିଁ । କେବଳ ଏହି ସ୍ମାର୍ଟକାର୍ଡ ସାଥିରେ ନେଇ ଡାକ୍ତରଖାନାକୁ ଯିବାକୁ ହେବ । ୨୦୦ ରୁ ଅଧିକ ବଡ ବଡ ଡାକ୍ତରଖାନାରେ ଏହି କାର୍ଡ ଦ୍ୱାରା ଜନସାଧାରଣ ସୁବିଧା ପାଇ ପାରିବେ । ଏହି କାର୍ଡରେ ପରିବାର ପାଇଁ ୫ ଲକ୍ଷ ଏବଂ ମା'ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ । ଏପରି ସୁବିଧା ଦେବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲ୍ ଷ୍ଟୋନ୍ । ସ୍ୱାସ୍ଥ୍ୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଣୁ ପରିବାରରେ କେହି ଅସୁସ୍ଥ ହେଲେ ଆମର ଟେନସନ ବଢିଯାଏ । ସବୁଠାରୁ ବଡ ଟେନସନ୍ – ଚିକିତ୍ସା ପାଇଁ ଟଙ୍କା । ଏଥିପାଇଁ କିଏ

ଜମି ବିକେ, କିଏ ସୁନା ବିକେ, କିଏ ଋଣ କରନ୍ତି, କେହି କେହି ଚିକିତ୍ସା ପାଇଁ ତାଙ୍କ ପିଲାଙ୍କ ପାଠପଢା ବନ୍ଦ କରିଦିଅନ୍ତି । ଏହି ଖବର ପାଇ ମୋତେ ବହୁତ ଦୁଃଖ ଲାଗେ । ଆମର ଏହି ସ୍ମାର୍ଟ ହେଲ୍ଥ କାର୍ଡ ଜନସାଧାରଣ ଏହି ଦୁଃଖ ଦୂର କରିବ । ଜନସାଧାରଣଙ୍କ ଚିକିତ୍ସା ପାଇଁ ଯେଉଁ ଖର୍ଚ୍ଚ କରୁଛନ୍ତି ସେହି ଟଙ୍କାକୁ ସଂଚୟ କରିପାରିବେ, ନିଜ ପିଲାଙ୍କ ପାଠ ପଢାରେ ଓ ପରିବାରର ଉନ୍ନତି ପାଇଁ ଖର୍ଚ୍ଚ କରିପାରିବେ । ଆପଣ ଜାଣନ୍ତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜିଲ୍ଲା ସଦର ମହକୁମା ଡାକ୍ତରଖାନା ପର୍ଯ୍ୟନ୍ତ ସବୁ ସରକାରୀ ଡାକ୍ତରଖାନାରେ ଓଡିଶାବାସୀଙ୍କର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି । ସରକାରୀ ଡାକ୍ତରଖାନାରେ ଡାୟାଲିସିସ୍ ଠାରୁ ଆରମ୍ଭ କରି କେମୋ ଥେରାପି, ସିଟି ସ୍କାନ୍ ଓ ବିଭିନ୍ନ ପ୍ରକାର ଟେଷ୍ଟ ସୁବିଧା ମିଳୁଛି । ଆମର ଲକ୍ଷ ଲକ୍ଷ ରୋଗୀ ସରକାରୀ ଡାକ୍ତରଖାନାରେ ଏ ସବୁ ସୁବିଧା ନେଉଛନ୍ତି ବୋଲି କହିଥିଲେ । ଏତଦ୍‌ବ୍ୟତୀତ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ- ମୋ ପାଇଁ ପ୍ରତି ଜୀବନ ମୂଲ୍ୟବାନ । ସେ ଚାଷୀ ହେଉ, ମୂଲିଆ ହେଉ, ଛୋଟ ଦୋକାନୀ ହେଉ, ରିକ୍ସା ଚାଳକ ହେଉ ଅବା ସାଧାରଣ ଲୋକ ସମସ୍ତଙ୍କର ଜୀବନ ମୋ ପାଇଁ ମୂଲ୍ୟବାନ୍ । ସମସ୍ତେ ସୁସ୍ଥ ରହନ୍ତୁ, ସ୍ୱାସ୍ଥ୍ୟ ସେବା ସୁବିଧାରୁ କେହି ବଂଚିତ ନହୁଅନ୍ତୁ । ନିଜ ପରିବାର ଓ ରାଜ୍ୟର ଉନ୍ନତି ପାଇଁ କାମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୫୮ କୋଟି ୨୩ ଲକ୍ଷ ଟଙ୍କାର୧୪୨ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ । ତନ୍ମଧ୍ୟରୁ ୧ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହିଳା ଓ ଶିଶୁ ବିକାଶ ବିଭାଗର ୨ ଟି ପ୍ରକଳ୍ପ, ୨୬୪ କୋଟି ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭୩ ଟି ରାସ୍ତା ଓ ସେତୁ ନିର୍ମାଣ ପ୍ରକଳ୍ପ, ୬ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫ ଟି ପରିମଳ, ପରିବେଶ ସୁରକ୍ଷା ଓ ସାଧାରଣ ସୁବିଧା ସଂପର୍କିତ ପ୍ରକଳ୍ପ, ୧୭୯ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୭ ଟି ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ କ୍ରିଡା ଭିତିଭୂମି ପ୍ରକଳ୍ପ, ୬ କୋଟି ୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫ ଟି ଜୀବିକା ବିକାଶ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ୧୨୦୧ କୋଟି ୬୯ ଲକ୍ଷ ଟଙ୍କା ଅଟକଳରେ ୨୫୭ ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ୬୫ କୋଟି ୫ ଲକ୍ଷ ଟଙ୍କା ଅଟକଳରେ ମହିଳା ଓ ଶିଶୁ ବିକାଶ ବିଭାଗର ୨ ଟି ପ୍ରକଳ୍ପ, ୬୧୩ କୋଟି ୬୬ ଲକ୍ଷ ଟଙ୍କା ଅଟକଳରେ ୧୪୬ ଟି ରାସ୍ତା ଓ ସେତୁ ନିର୍ମାଣ ପ୍ରକଳ୍ପ, ୬୫ କୋଟି ୩୯ ଲକ୍ଷ ଟଙ୍କା ଅଟକଳରେ ପରିମଳ, ପରିବେଶ ସୁରକ୍ଷା ଓ ସାଧାରଣ ସୁବିଧା ସଂପର୍କିତ ୨୭ ଟି ପ୍ରକଳ୍ପ, ୪୨୪ କୋଟି ୫୦ ଲକ୍ଷ ଟଙ୍କା ଅଟକଳରେ ୫୦ଟି ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ୩୩ କୋଟି ୯ ଲକ୍ଷ ଟଙ୍କା ଅଟକଳରେ ୩୨ ଟି ଜୀବିକା ବିକାଶ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ ଏତଦ୍‌ବ୍ୟତୀତ ମୁଖ୍ୟମନ୍ତ୍ରୀ ୩୭୭ କୋଟି ଟଙ୍କା ଅଟକଳର ୧୧ ଟି ନୂଆ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ । କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ, କେନ୍ଦୁଝର ଲୋକସଭା ସଦସ୍ୟା ଇଂ ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ ବକ୍ତବ୍ୟ ପ୍ରଦାନ କରି କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ବିକାଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱ ଏବଂ ଦୂରଦର୍ଶୀ ପଦକ୍ଷେପ ପାଇଁ ବିଭିନ୍ନ କ୍ଷେତ୍ରରେ ଓଡିଶା ଦେଶରେ ତଥା ବିଶ୍ୱରେ ସୁନାମ ଅର୍ଜନ କରୁଛି ବୋଲି କହିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳୀନି ପାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଂଟନ କରାଯାଇଥିଲା ଏବଂ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ମୋ କଲେଜ ଅଭିଯାନ ପରିଚାଳନା ସଂଗଠନର ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ ସମାରୋହ ପରିଚାଳନା କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବୋଧାନରେ ସମାରୋହ ଶାନ୍ତି ଶୃଙ୍ଖଳାର ସହ ସମାପିତ ହୋଇଥିଲା । ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନର ଅଧିକାରୀମାନେ ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର